ଓଡ଼ିଶା ମୋ ପରିବାର
All for each, each for all

ଓଡ଼ିଶା-ମୋ ପରିବାର
# ନ୍ୟୁଜ୍‌ଲେଟର

ବର୍ଷ-୪ ■ ସଂଖ୍ୟା-୩୫ ନଭେମ୍ବର ୨୦୨୩

## ଭିତର ପୃଷ୍ଠାରେ

- କେରଳରୁ ମୃତଦେହ ପହଞ୍ଚିଲା, ଏବଂ ଭଦ୍ରକକୁ କରାଗଲା ସ୍ଥାନାନ୍ତର
- ଓଡ଼ିଶା-ମୋ ପରିବାର ସହାୟତାରେ ଶେଷକୃତ୍ୟ ସଂପନ୍ନ

ପୃଷ୍ଠା-୨
- ଜଣେ ପରୋପକାରୀଙ୍କୁ ଓଡ଼ିଶା-ମୋ ପରିବାରର ଅଶ୍ରୁଳ ବିଦାୟ
- କଟକରୁ ବ୍ରହ୍ମପୁରକୁ ବୃଦ୍ଧଙ୍କ ମୃତଦେହ ସ୍ଥାନାନ୍ତର

ପୃଷ୍ଠା-୩
- ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର
- ବ୍ରହ୍ମପୁରରୁ କୋରାପୁଟକୁ ମୃତଦେହ ସ୍ଥାନାନ୍ତର

ପୃଷ୍ଠା-୪
- ରାୟଗଡ଼ାକୁ ମୃତଦେହ ସ୍ଥାନାନ୍ତର
- ରକ୍ତଦାନ କଲେ ଜୀବନବିନ୍ଦୁ ସଂଯୋଜକ

ପୃଷ୍ଠା-୫
- ଅକାଳରେ ପ୍ରାଣ ହରାଇଥିବା ସଲିମଙ୍କ ମୃତ ଶରୀର ଦିଲ୍ଲୀରୁ ଓଡ଼ିଶା ଫେରିଲା
- ନରହରିଙ୍କୁ ସହାୟ ହେଲା ବି.ଏସ୍.କେ.ୱାଇ

ପୃଷ୍ଠା-୬
- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୭
- ଆପାତକାଳରେ ରକ୍ତଦାନ

ପୃଷ୍ଠା-୯
- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦
- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧
- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୨
- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ନଭେମ୍ବର ମାସର ଶ୍ରେଷ୍ଠ କର୍ମଚାରୀ
- ନଭେମ୍ବର ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୩

...ପୃଷ୍ଠା-୨୦ ପର୍ଯ୍ୟନ୍ତ


ମୃତଦେହକୁ କୋଲକତାରୁ କେନ୍ଦ୍ରାପଡ଼ା ସ୍ଥାନାନ୍ତର

# କୋଲକତାରୁ ନିଜ ଗାଁକୁ ସ୍ଥାନାନ୍ତର ମୃତ ଶରୀର,
## ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ପ୍ରଦ୍ୟୁମ୍ନ କୁମାର ଘଡ଼ାଇ ଅନେକ ବର୍ଷ ହେବ କୋଲକାତାରେ ରହି କମାରହାଟିଠାରେ ଏକ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ । ହଠାତ୍, ଗତ ନଭେମ୍ବର ୨୩ତାରିଖରେ ସେ ଦୋକାନରେ ଠାକୁର ପୂଜା କରୁଥିବା ସମୟରେ ଟଳି ପଡ଼ିଥିଲେ । ତାଙ୍କୁ ସ୍ଥାନୀୟ ବାସିନ୍ଦା ନିକଟସ୍ଥ ସାଗରଦତ୍ତ ହସ୍ପିଟାଲକୁ ନେଇଥିଲେ । ଦୁର୍ଭାଗ୍ୟବଶତଃ, ହୃଦଘାତ ହେତୁ ତାଙ୍କର ମୃତ୍ୟୁ

ଅବଶିଷ୍ଟାଂଶ....ପୃଷ୍ଠା-୫

# ଜରୁରୀ ସମୟରେ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ଓଡ଼ିଶା-ମୋ ପରିବାର ପ୍ରତିବଦ୍ଧ

ବରଗଡ଼ ଜିଲ୍ଲା ରୈସାଲପଦର ଅଞ୍ଚଳର ୫୮ ବର୍ଷୀୟ ବାସିନ୍ଦା ଶ୍ରୀ ବରୁଣ ସାହୁ ଗତ ନଭେମ୍ବର ୨୬ତାରିଖରେ ହାର୍ଟ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ତାଙ୍କ ଅସ୍ତ୍ରୋପଚାର ଚାଲୁଥିବା ସମୟରେ ହଠାତ୍ ରକ୍ତର ଜରୁରୀ ଆବଶ୍ୟକତା ପଡ଼ିଥିଲା । ପରିବାର ବର୍ଗ ଅନେକ ଚେଷ୍ଟା କରିବା ସତ୍ତ୍ୱେ ରକ୍ତ ଯୋଗାଡ଼ କରିପାରିନଥିଲେ। ଅସହାୟ ହୋଇ ସେମାନେ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁଙ୍କର ସହଯୋଗ ଲୋଡ଼ିଥିଲେ।

ଶ୍ରୀମତୀ ସାହୁ, ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାର ଆବାହକଙ୍କୁ ଜଣାଇବା ପରେ ତୁରନ୍ତ ଓଡ଼ିଶା-ମୋ ପରିବାରର କର୍ମଚାରୀ ଶ୍ରୀ ସଞ୍ଜୟ ସାମନ୍ତରାୟ ହସ୍ପିଟାଲରେ ପହଞ୍ଚି ରକ୍ତ ଦାନ କରିଥିଲେ । ଉଚିତ ସମୟରେ ରକ୍ତ ଯୋଗାଡ଼



କରି ଦେବାରୁ ପରିବାରବର୍ଗ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# କେରଳରୁ ମୃତଦେହ ପହଞ୍ଚିଲା, ଏବଂ ଭଦ୍ରକକୁ କରାଗଲା ସ୍ଥାନାନ୍ତର

ଭଦ୍ରକର ବାସିନ୍ଦା ଅମର କୁମାର ଶଙ୍ଖୁଆ ୨ବର୍ଷ ପୂର୍ବରୁ କେରଳରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସାଇଟରେ କାମ କରୁଥିବାବେଳେ ସେ ହଠାତ୍ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ । ତାଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା ।

ପ୍ରାୟ ୨୦ ଦିନ ଚିକିତ୍ସା ପରେ ସେ ଗତ ନଭେମ୍ବର ୧୭ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ |

ପରିବାରବର୍ଗ କୌଣସି ପ୍ରକାରେ ମୃତଦେହକୁ କେରଳରୁ ଭୁବନେଶ୍ୱରକୁ ବିମାନ ମାଧ୍ୟମରେ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରିଥିଲେ କିନ୍ତୁ ନିଜ ଘରକୁ ଫେରାଇ ନେବା ପାଇଁ ଆର୍ଥିକ ଚାପ ଯୋଗୁଁ ଅସହାୟ ଥିଲେ ଓ ସ୍ଥାନୀୟ ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକଙ୍କର ସହଯୋଗ ଲୋଡ଼ିଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଶ୍ରୀ ମଲ୍ଲିକ ଘଟଣା ସମ୍ପର୍କରେ ଓଡିଶା-ମୋ ପରିବାରକୁ ସୂଚନା ଦେବା ପରେ, ତୁରନ୍ତ ପଦକ୍ଷେପ ନିଆଯାଇ ଭୁବନେଶ୍ୱର ବିମାନବନ୍ଦରରେ ଅମରଙ୍କ ମୃତଦେହ ଗ୍ରହଣ କରାଯିବା ସହିତ ଶ୍ରୀ ମଲ୍ଲିକଙ୍କ ସହଯୋଗରେ ଭୁବନେଶ୍ୱର ବିମାନବନ୍ଦରରୁ ମୃତ ଦେହକୁ ଭଦ୍ରକସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରାଯାଇଥିଲା ।

# ଓଡ଼ିଶା-ମୋ ପରିବାର ସହାୟତାରେ ଶେଷକୃତ୍ୟ ସଂପନ୍ନ

ଗଞ୍ଜାମ ଜିଲ୍ଲା ଶ୍ରୀରାମନଗରର ୫୦ ବର୍ଷୀୟ ବ୍ୟକ୍ତି ରୋହିତ ସ୍ୱାଇଁ ବ୍ରହ୍ମପୁରର ଏମ୍.କେ.ସି.ଜି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। । ଆର୍ଥିକ ଚାପରେ ଥିବା ପରିବାରବର୍ଗ ମୃତଦେହକୁ ସେମାନଙ୍କ ବାସସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଅସମର୍ଥ ଥିଲେ । ସେମାନଙ୍କ ବିଷୟରେ ଜାଣିବା ପରେ, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶଙ୍କର ଶତପଥୀ ତୁରନ୍ତ ସେମାନଙ୍କ ନିକଟରେ ପହଞ୍ଚିଥିଲେ ଏବଂ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହଯୋଗରେ ମୃତଦେହକୁ ସେମାନଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ । ଶେଷକୃତ୍ୟ ସମ୍ପନ୍ନ ହେବା ସମୟରେ ଶବଦାହ କରିବାରେ ଗିରିଜା ମୃତକଙ୍କ ପରିବାର ସହିତ ଛିଡ଼ା ହୋଇଥିଲେ।



ଯାତାୟାତ ବ୍ୟବସ୍ଥା ସହିତ ଶେଷକୃତ୍ୟ ସମ୍ପନ୍ନରେ ସହାୟତା

# ଜଣେ ପରୋପକାରୀଙ୍କୁ ଓଡ଼ିଶା-ମୋ ପରିବାରର ଅଶ୍ରୁଳ ବିଦାୟ

ଭୁବନେଶ୍ୱରର ୨୭ବର୍ଷିୟ ବାସିନ୍ଦା ପ୍ରତାପ କୁମାର ବେହେରା, ଯିଏକି ବୃତ୍ତିରେ ଜଣେ ବିଦ୍ୟୁତ୍ କର୍ମଚାରୀ ଏବଂ ଜଣେ ସକ୍ରିୟ ସ୍ୱେଚ୍ଛାସେବୀ ମଧ୍ୟ ଥିଲେ । ଗତ ନଭେମ୍ବର ୧୩ ତାରିଖରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଏବଂ ତାଙ୍କର ଅକାଳ ବିୟୋଗରେ ସମସ୍ତ ପ୍ରିୟଜନ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ତାଙ୍କ ବିଷୟରେ ସୂଚନା ପାଇବା ପରେ ଅନେକ ସ୍ୱେଚ୍ଛାସେବୀ ଡାକ୍ତରଖାନାରେ ପହଞ୍ଚିଥିଲେ।

ବିଧାୟକ (ମଧ୍ୟ) ଶ୍ରୀ ଅନନ୍ତ ନାରାୟଣ ଜେନା ମଧ୍ୟ ସେମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ପରିବାର ପାଖରେ ଛିଡ଼ା ହୋଇଥିଲେ। ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟ ମଧ୍ୟ ପ୍ରତାପଙ୍କ ଶେଷ ରୀତିନୀତି ପାଇଁ ଜୟ ଓଡିଶାର 'ଶେଷ ସାଥୀ' ସ୍ୱର୍ଗରଥ ମାଧ୍ୟମରେ ତାଙ୍କ ମର ଶରୀରକୁ ପୁରୀ, ସ୍ୱର୍ଗ ଦ୍ୱାରକୁ ସ୍ଥାନାନ୍ତର କରିବାକୁ ଆବଶ୍ୟକୀୟ ବ୍ୟବସ୍ଥା କରାଇଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# କଟକରୁ ବ୍ରହ୍ମପୁରକୁ ବୃଦ୍ଧଙ୍କ ମୃତଦେହ ସ୍ଥାନାନ୍ତର

କିଡ଼ନୀ ରୋଗରେ ପୀଡ଼ିତ ବ୍ରହ୍ମପୁରର ୫୫ବର୍ଷିୟ ବାସିନ୍ଦା ନାରାୟଣ ସାହୁଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ସମସ୍ତ ଚେଷ୍ଟା ସତ୍ତ୍ୱେ ନାରାୟଣ ବଞ୍ଚିପାରିନଥିଲେ । ପରିବାରବର୍ଗ, ମୃତଦେହକୁ ନିଜ ଘରକୁ ଫେରାଇ ନେବା ପାଇଁ ଆର୍ଥିକ ଚାପରେ ଥିବାରୁ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କର ସହାୟତା ଲୋଡ଼ିଥିଲେ। ଏହି ସମସ୍ୟାର ସମାଧାନ କରିବାକୁ ଶ୍ରୀ ପଣ୍ଡା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶଙ୍କର ଶତପଥିଙ୍କୁ ପରାମର୍ଶ ଦେଇଥିଲେ। ଗିରିଜା, କଟକ ବଡ଼ ମେଡ଼ିକାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସଙ୍କ ସହ ଆଲୋଚନା କରିଥିଲେ। ସଙ୍ଗେ ସଙ୍ଗେ ସନ୍ତୋଷ ପରିବାର ପାଖରେ ପହଞ୍ଚି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ଏବଂ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହଯୋଗରେ ମୃତଦେହ କଟକରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ଯାତାୟାତ ବ୍ୟବସ୍ଥା କରିଥିଲେ ।

ଶ୍ରୀ ପଣ୍ଡାଙ୍କ ଉପସ୍ଥିତିରେ ବ୍ରହ୍ମପୁରରେ ଶବ ପହଞ୍ଚିଥିଲା ଏବଂ ଶେଷକୃତ୍ୟ ସମ୍ପନ୍ନ ହେବା ସମୟରେ ଶ୍ରୀ ପଣ୍ଡା ପରିବାର ସହିତ ଛିଡ଼ା ହୋଇଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

ଗଞ୍ଜାମ ଜିଲ୍ଲା ଜରଡ଼ା ଅଞ୍ଚଳର ୩୯ବର୍ଷିୟ ବାସିନ୍ଦା ଡାକ ନାୟକ ପାରିବାରିକ କଳହ କାରଣରୁ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ସଙ୍ଗେସଙ୍ଗେ, ପରିବାରବର୍ଗ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ପରିବାରବର୍ଗ, ତାଙ୍କୁ ତୁରନ୍ତ ହସ୍ପିଟାଲ ନେଇଯାଇଥିଲେ ଏବଂ ତାଙ୍କ ଚିକିତ୍ସା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ରେ ଚିକିତ୍ସା କରାଇବା ପାଇଁ ହସ୍ପିଟାଲର ପରିଚାଳନା କମିଟି ମନା କରିଦେଇଥିଲେ । ତେଣୁ, ପରିବାର ବର୍ଗଙ୍କୁ କିଛି ଅର୍ଥରାଶି ଜମା କରିବାକୁ ପଡ଼ିଥିଲା । ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିବାର ୪ଦିନ ପରେ ଡାକ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଗୋଟେ ପଟେ, ଡାକ ଚାଲିଯିବାର ଦୁଃଖ, ଆଉ ପଟେ ହସ୍ପିଟାଲର ବିଲ୍ ବୋଝ ପରିବାରବର୍ଗଙ୍କୁ ବିଚଳିତ କରିଦେଇଥିଲା । ଇତି ମଧ୍ୟରେ, ପରିବାର ବର୍ଗ ଉପାୟଶୂନ୍ୟ ହୋଇ କବିସୂର୍ଯ୍ୟନଗର ବିଧାୟିକା ଶ୍ରୀମତୀ ଲତିକା ପ୍ରଧାନଙ୍କର ସହଯୋଗ ଲୋଡ଼ିଥିଲେ । ଶ୍ରୀମତୀ ପ୍ରଧାନ, ଏ ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ସୂଚନା ଦେବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ହେଲ୍ପଡ଼େସ୍କ ସହଯୋଗୀ ଶ୍ରୀ ପ୍ରକାଶ ବେହେରାଙ୍କୁ ଘଟଣାର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶ୍ରୀ ବେହେରା, ତୁରନ୍ତ ହସ୍ପିଟାଲରେ ପହଞ୍ଚି ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ପରିବାରବର୍ଗଙ୍କୁ କିଛି ଦେୟ ଛାଡ଼ କରାଯାଇଥିଲା । ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ ହସ୍ପିଟାଲରେ ଉପସ୍ଥିତ ରହି ମୃତଦେହ ଗଞ୍ଜାମସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ । ମୃତ ଡାକଙ୍କ ପରିବାରବର୍ଗଙ୍କ ଅସହାୟତା ବୁଝି ସେମାନଙ୍କୁ ଉପଯୁକ୍ତ ସାହାଯ୍ୟ ଯୋଗାଇ ଦେଇଥିବାରୁ ସେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା- ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ବ୍ରହ୍ମପୁରରୁ କୋରାପୁଟକୁ ମୃତଦେହ ସ୍ଥାନାନ୍ତର

କୋରାପୁଟର ୫୦ବର୍ଷିୟ ବାସିନ୍ଦା ମନୋରଞ୍ଜନ ବେହେରାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ପରିବାରବର୍ଗ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ କୋରାପୁଟରେ ଥିବା ଓଡ଼ିଶା- ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶ୍ରୀ ବୈକୁଣ୍ଠ ମଣ୍ଡଳଙ୍କର ସହଯୋଗ ଲୋଡ଼ିଥିଲେ। ବୈକୁଣ୍ଠ ସଙ୍ଗେସଙ୍ଗେ ଏମ୍.କେ.ସି.ଜି ହସ୍ପିଟାଲରେ ଥିବା ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥିଙ୍କ ସହ ଆଲୋଚନା କରିବା ପରେ ଗିରିଜା ଏହି ଘଟଣା ବିଷୟରେ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ, ଯିଏ ତୁରନ୍ତ ମୃତଦେହକୁ ଡାକ୍ତରଖାନାରୁ କୋରାପୁଟସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।

# ରାୟଗଡ଼ାକୁ ମୃତଦେହ ସ୍ଥାନାନ୍ତର

ଜନ୍ମରୁ ଏକାଧିକ ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡ଼ିତ, ରାୟଗଡ଼ା ଜିଲ୍ଲାର ଏକ ଆଦିବାସୀ ଗ୍ରାମ ମୁନିଗୁଡ଼ା ଅଞ୍ଚଳର ୨ ମାସର ଶିଶୁ ସିପୁନା ମାଝିଙ୍କୁ ବ୍ରହ୍ମପୁରସ୍ଥିତ ଏମ୍. କେ. ସି. ଜି. ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶଙ୍କର ଶତପଥି ଚିକିତ୍ସା ସମୟରେ ପରିବାରକୁ ସମସ୍ତ ଆବଶ୍ୟକୀୟ ସାହାଯ୍ୟ କରିଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ, ଶିଶୁଟି ବଞ୍ଚି ପାରିଲା ନାହିଁ ।

ଏହି ଦୁଃଖରେ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ନିଜ ଗ୍ରାମକୁ ଫେରିବା ପାଇଁ ଆର୍ଥିକ ଚାପରେ ଥିଲେ। ଗିରିଜା, ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହ ଆଲୋଚନା କରି ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ପରିବାରକୁ ନିଜ ବାସସ୍ଥାନକୁ ଫେରିବା ପାଇଁ ଆବଶ୍ୟକୀୟ ଯାତାୟାତ ବ୍ୟବସ୍ଥା କରିଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ରକ୍ତଦାନ କଲେ ଜୀବନବିନ୍ଦୁ ସଂଯୋଜକ

ଓଡ଼ିଶା- ମୋ ପରିବାର, 'ଜୀବନବିନ୍ଦୁ' ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ସମୟରେ ଅଭାବୀ ରୋଗୀଙ୍କୁ ରକ୍ତ ଯୋଗାଇବାରେ ସାହାଯ୍ୟ କରିବା ପାଇଁ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରିଆସୁଛି। ରକ୍ତଦାନ ଶିବିରର ସଂଯୋଜନା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜୀବନ ବିନ୍ଦୁ ସଂଯୋଜକମାନଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କୁ ମାସିକ ଟାର୍ଗେଟ ଦିଆଯାଇଛି ତାହା ହାସଲ କରିବାକୁ ସେମାନେ ଯଥାସମ୍ଭବ ଚେଷ୍ଟା କରନ୍ତି ।

ଆମର ଜୀବନ ବିନ୍ଦୁ ସଂଯୋଜକ ( କଟକ ସହର) ଶ୍ରୀ ରଂଜନ ବିଶ୍ୱାଳ ପ୍ରତ୍ୟେକ ମାସରେ ଉତ୍ସର୍ଗୀକୃତ ଭାବରେ ରକ୍ତଦାନ ଶିବିର ପରିଚାଳନା କରନ୍ତି ଏବଂ ଅନେକ ଥର ମାସର ଶ୍ରେଷ୍ଠ ସଂଯୋଜକ ଭାବରେ ପୁରସ୍କୃତ ହୋଇଛନ୍ତି ।

ଏହା ବ୍ୟତୀତ, ସେ ସର୍ବଦା ଅଭାବୀ ଏବଂ ଦୁଃଖୀ ଲୋକମାନଙ୍କ ପାଖରେ ଛିଡା ହୋଇ ଜରୁରୀକାଳୀନ ସମୟରେ ରକ୍ତ ଆବଶ୍ୟକତାକୁ ସମାଧାନ କରିଥା'ନ୍ତି ।

ସେ ନିଜେ ରକ୍ତ ଦାନ କରିବାକୁ ଆଗେଇ ଆସି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ଆଗାମୀ ପ୍ରୟାସରେ ଆମେ ତାଙ୍କର ସଫଳତା କାମନା କରୁଛୁ ।



*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

# କୋଲକତାରୁ ନିଜ ଗାଁକୁ...

ହୋଇଥିବା ନେଇ ଡାକ୍ତର ଜଣାଇଥିଲେ । ପରିବାରବର୍ଗ ଶେଷ ମୁହୂର୍ତ୍ତରେ ପ୍ରଦ୍ୟୁମ୍ନଙ୍କ ମୁହଁ ଟିକେ ଦେଖିବା ପାଇଁ ବ୍ୟାକୁଳ ହେଉଥିଲେ ଏବଂ ଆର୍ଥିକ ଚାପରେ ଥିବାରୁ ଓଡ଼ିଶା-ମୋ ପରିବାର କୋଲକାତା ପ୍ରତିନିଧି ଶ୍ରୀ ପ୍ରମୋଦ ମହାନ୍ତିଙ୍କର ସହଯୋଗ ଲୋଡ଼ିଥିଲେ ।

ଶ୍ରୀ ମହାନ୍ତି ସଙ୍ଗେସଙ୍ଗେ ଘଟଣା ସମ୍ପର୍କରେ ଖାଦ୍ୟ ଯୋଗାଣ, ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ମୋ ପରିବାର ସହ- ଆବାହକ ଶ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଜଣାଇବା ପରେ ଶ୍ରୀ ନାୟକ ତୁରନ୍ତ ପଦକ୍ଷେପ ନେଇ ମୃତଦେହ ଫେରାଇ ଆଣିବାକୁ ସମସ୍ତ ପରିବହନ ଖର୍ଚ୍ଚ ରେଡକ୍ରସ୍ ପାଣ୍ଠିରୁ ବହନ କରିବା ପାଇଁ ଜଣାଇଥିଲେ । ଏହାପରେ ପ୍ରଦ୍ୟୁମ୍ନଙ୍କ ମୃତଦେହ କୋଲକାତାରୁ ଆସି ପାଟକୁରାସ୍ଥିତ ତାଙ୍କ ବାସଭବନରେ ପହଞ୍ଚିଥିଲା। ଏହି ସମଗ୍ର ପ୍ରକ୍ରିୟାକୁ ଓଡ଼ିଶା- ମୋ ପରିବାର, କୋଲକାତା ପ୍ରତିନିଧି ଶ୍ରୀ ପ୍ରମୋଦ ମହାନ୍ତି ସଂଯୋଜନା କରିଥିଲେ ।

# ଅକାଳରେ ପ୍ରାଣ ହରାଇଥିବା ସଲିମଙ୍କ ମୃତ ଶରୀର ଦିଲ୍ଲୀରୁ ଓଡ଼ିଶା ଫେରିଲା

## ସହାୟତାର ହାତ ବଢାଇଲେ ଓଡ଼ିଶା-ମୋ ପରିବାର ସଦସ୍ୟ ତଥା ଭଦ୍ରକ ବିଧାୟକ

ଭଦ୍ରକ ଜିଲ୍ଲାର ୪୦ବର୍ଷିୟ ବାସିନ୍ଦା ସଲିମ ଖାନ୍ ଦୀର୍ଘ ୧୫ବର୍ଷ ଧରି ଦିଲ୍ଲୀରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ । ଗତ ନଭେମ୍ବର ୨୦ ତାରିଖରେ ସେ ଅସୁସ୍ଥ ଥିବାରୁ କାମ କରିବାକୁ ଯାଇନଥିଲେ । ତାଙ୍କ ଭଉଣୀ ତାଙ୍କୁ ଦିଲ୍ଲୀସ୍ଥିତ ଆର.ଏମ୍.ଏଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଦୁର୍ଭାଗ୍ୟବଶତଃ, ସେ ହୃଦଘାତ ହେତୁ ୨୨ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ପରିବାରବର୍ଗ, ସଲିମଙ୍କ ବିୟୋଗରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ଶେଷ ମୁହୂର୍ତ୍ତରେ ପୁଅର ମୁହଁ ଟିକେ ଦେଖିବା ପାଇଁ ବ୍ୟାକୁଳ ହେଉଥିଲେ । ଅର୍ଥ ସାଜିଥିଲା ପ୍ରତିବନ୍ଧକ, ତେଣୁ ସେମାନେ ଅସହାୟ ହୋଇ ସ୍ଥାନୀୟ ବିଧାୟକ ତଥା ଓଡ଼ିଶା-ମୋ ପରିବାର ସଦସ୍ୟ ଶ୍ରୀ ସଞ୍ଜୀବ ମଲ୍ଲିକଙ୍କର ସହାୟତା ଲୋଡ଼ିଥିଲେ ।




ଶ୍ରୀ ମଲ୍ଲିକ ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ଅବଗତ କରାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ଯାତାୟାତ ସଂଯୋଜନା କରାଯାଇଥିଲା । ଶ୍ରୀ ମଲ୍ଲିକ ସମସ୍ତ ପରିବହନ ଖର୍ଚ୍ଚ ବହନ କରିଥିଲେ । ମୃତଦେହ ଗତ ୨୪ ତାରିଖରେ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନବନ୍ଦରରୁ ଭଦ୍ରକସ୍ଥିତ ତାଙ୍କ ବାସସ୍ଥାନରେ ପହଞ୍ଚିଥିଲା ।



# ନରହରିଙ୍କୁ ସହାୟ ହେଲା ବି.ଏସ୍.କେ.ୱାଇ

କେନ୍ଦ୍ରାପଡା ମାର୍ଶାଘାଇର ବାସିନ୍ଦା ନରହରି ସାମନ୍ତରାୟ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

ଗାଁର ସରପଞ୍ଚ ଏହି ହସ୍ପିଟାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ରଶ୍ମୀ ରଞ୍ଜନ ପ୍ରଧାନଙ୍କ ସହ ଯୋଗାଯୋଗ କରିଥିଲେ, ଯିଏକି ଚିକିତ୍ସା ସମୟରେ ତାଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ସେ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ରୋଗୀଙ୍କ ପାଇଁ ଆବଶ୍ୟକୀୟ ରକ୍ତର ବ୍ୟବସ୍ଥା କରିଥିଲେ।

ବିଧାୟିକା ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲାଙ୍କ ପ୍ରତିନିଧୀ ଶ୍ରୀ ସଞ୍ଜୟ ଅଗ୍ରୱାଲା ମଧ୍ୟ ରୋଗୀଙ୍କୁ ଦେଖିବା ପାଇଁ ଡାକ୍ତରଖାନାରେ ପହଞ୍ଚିଥିଲେ।

ନରହରି ସୁସ୍ଥ ହେବା ପରେ କେନ୍ଦ୍ରାପଡାସ୍ଥିତ ତାଙ୍କ ଜନ୍ମସ୍ଥାନକୁ ଫେରିବା ପାଇଁ ଶ୍ରୀ ସଞ୍ଜୟ ଅଗ୍ରୱାଲା ଯାତାୟାତ ବ୍ୟବସ୍ଥା କରିଥିଲେ।



ରୋଗୀର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ଶ୍ରୀ ସଞ୍ଜୟ ଅଗ୍ରୱାଲା

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସହାୟତା


ରୋଗୀଙ୍କ ସ୍ୱାମୀ ରକ୍ତ ଗ୍ରହଣ କରୁଛନ୍ତି

ଗାଇନିକ ରୋଗରେ ପୀଡ଼ିତ କଟକର ବାସିନ୍ଦା ୪୭ ବର୍ଷୀୟା କନକଲତା ସାହୁଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା- ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ରୋଗୀଙ୍କର ବିରଳ B-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାର ବ୍ୟବସ୍ଥା କରିବାରେ ଅସମର୍ଥ ହୋଇ ସନ୍ଦୀପଙ୍କର ସହଯୋଗ ଲୋଡ଼ିଥିଲେ। ସନ୍ଦୀପ ତୁରନ୍ତ ତାଙ୍କୁ ଆବଶ୍ୟକୀୟ ରକ୍ତ ୟୁନିଟ୍ ଯୋଗାଡ଼ କରି ଦେଇଥିଲେ ।

ଗାଇନିକ ରୋଗରେ ପୀଡ଼ିତ ବ୍ରହ୍ମପୁରର ୫୫ ବର୍ଷୀୟା ବତି ମାଝିଙ୍କୁ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା, ଯେଉଁଠାରେ ବିରଳ AB+ ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ମାତ୍ର ପରିବାରବର୍ଗ ତାହା ଯୋଗାଡ଼ କରିବା ସମ୍ଭବ ନଥିଲା । ସେମାନଙ୍କ ବିଷୟରେ ସୂଚନା ପାଇବା ପରେ, ଏମ୍.କେ.ସି.ଜି ହସ୍ପିଟାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥି ରୋଗୀ ପାଇଁ ଆବଶ୍ୟକୀୟ ରକ୍ତ ୟୁନିଟ୍ ଯୋଗାଡ଼ କରି ଦେଇଥିଲେ ।


ରୋଗୀଙ୍କ ପୁଅ ରକ୍ତ ଗ୍ରହଣ କରୁଛନ୍ତି


ରୋଗୀଙ୍କ ପୁଅ ରକ୍ତ ଗ୍ରହଣ କରୁଛନ୍ତି

ଫୁସଫୁସ କର୍କଟ ରୋଗରେ ପୀଡ଼ିତ ପୁରୀ ଜିଲ୍ଲାର ୬୦ବର୍ଷୀୟ ଲକ୍ଷ୍ମୀଧର ସାହୁଙ୍କୁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବିଶ୍ୱ ମହାନ୍ତି ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଚିକିତ୍ସା ସମୟରେ ବିରଳ AB + ve ରକ୍ତର ଜରୁରୀ ଆବଶ୍ୟକତା ଥିବାରୁ ବିଶ୍ୱ ପରିବାରବର୍ଗଙ୍କୁ ଉପଯୁକ୍ତ ସମୟରେ ଆବଶ୍ୟକୀୟ ରକ୍ତ ୟୁନିଟ୍ ଯୋଗାଡ଼ କରି ଦେଇଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

କୋରାପୁଟର ୨୧ବର୍ଷିୟ ବାସିନ୍ଦା ସୁଶାନ୍ତ ବିଷୋୟି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କୁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଆଡ଼ମିଶନ ସମୟରେ ରୋଗୀକୁ ସମସ୍ତ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦେଇଥିଲେ । ଚିକିତ୍ସା ସମୟରେ ମଧ୍ୟ ରୋଗୀକୁ ଆବଶ୍ୟକୀୟ ସାହାଯ୍ୟ କରିବା ସହିତ ସେ ସୁସ୍ଥ ହୋଇ ଘରକୁ ଯିବା ପର୍ଯ୍ୟନ୍ତ ତାଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ପାକସ୍ଥଳୀ ରୋଗରେ ପୀଡ଼ିତ କଳାହାଣ୍ଡି ଜିଲ୍ଲାର ୩୫ବର୍ଷିୟ ପଦ ଦୁର୍ଗା ଡାକ୍ତରଙ୍କ ପରାମର୍ଶ ପାଇଁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ରୋଗୀଙ୍କ ପାଖରେ ଉପସ୍ଥିତ ରହି ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ପଠାଯାଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ହିମାଂଶୁ ରୋଗୀଙ୍କୁ ସାହାଯ୍ୟ କରିଥିଲେ ।


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ସୋମନାଥ


ଏକାଧିକ ସ୍ୱାସ୍ଥ୍ୟ ରୋଗରେ ପୀଡ଼ିତ ଗଞ୍ଜାମ ଜିଲ୍ଲାର ୪୭ବର୍ଷିୟ ବାସିନ୍ଦା ଦିଲ୍ଲୀପ ପ୍ରଧାନ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଯାଇଥିଲେ ।

ରୋଗୀକୁ ଏମ୍ସ ହସ୍ପିଟାଲକୁ କୁ ଅଣାଯିବା ପରେ ପରିବାରବର୍ଗ ହସ୍ପିଟାଲର ପ୍ରକ୍ରିୟା ବିଷୟରେ ପରିବାର ଲୋକ ଅବଗତ ନଥିଲେ। ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ ଏବଂ ପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଆଡ଼ମିଶନ ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

# ଆପାତକାଳରେ ରକ୍ତଦାନ



ଜଣେ ଡେଙ୍ଗୁ ରୋଗୀଙ୍କ ପାଇଁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ରକ୍ତଦାତା ଯୋଗାଡ଼



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର, ଏମ୍ସ ହସ୍ପିଟାଲରେ ରକ୍ତଦାତା ଯୋଗାଡ଼



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ସମ୍ ହସ୍ପିଟାଲରେ ରକ୍ତଦାତା ଯୋଗାଡ଼



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଉତ୍କଳ ହସ୍ପିଟାଲରେ ରକ୍ତଦାତା ଯୋଗାଡ଼



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ସମ୍ ହସ୍ପିଟାଲରେ ରକ୍ତଦାତା ଯୋଗାଡ଼



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଆମ୍ରି ହସ୍ପିଟାଲରେ ରକ୍ତଦାତା ଯୋଗାଡ଼



ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ କେୟାର ହସ୍ପିଟାଲରେ ରକ୍ତଦାତା ଯୋଗାଡ଼




ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ସମ୍ ହସ୍ପିଟାଲରେ ରକ୍ତଦାତା ଯୋଗାଡ଼




ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଆମ୍ରି ହସ୍ପିଟାଲରେ ରକ୍ତଦାତା ଯୋଗାଡ଼

# ‘ଜୀବନବିନ୍ଦୁ’ ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା- ମୋ ପରିବାର, ‘ଜୀବନବିନ୍ଦୁ’ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ଼ ବ୍ୟାଙ୍କଗୁଡିକର କ୍ଷମତା,ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ବିଚାରକୁ ନେଇ ନଭେମ୍ବର ମାସରେ ସମୁଦାୟ **୫୨୯୩** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।




## ଶ୍ରେଷ୍ଠ ପ୍ରଦର୍ଶନକାରୀ
### ଜିଲ୍ଲା ସଂଯୋଜକ
**ନଭେମ୍ବର ୨୦୨୩**



ଶ୍ରୀମତୀ କବିତା ପୁରୋହିତ
**ସମ୍ବଲପୁର - ୧୧୬୩ ୟୁନିଟ୍**



ଶ୍ରୀ ରଞ୍ଜନ ବିଶ୍ୱାଳ
**କଟକ ନଗର - ୧୦୭୪ ୟୁନିଟ୍**



ଶ୍ରୀ ବିମଳ ଚନ୍ଦ୍ର ଦାସ
**ଯାଜପୁର - ୫୪୧ ୟୁନିଟ୍**

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ନଭେମ୍ବର ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୨୬୪ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୨୯ ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ମିନତୀ ପ୍ରଧାନ | ୪୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଢେଙ୍କାନାଳ |
| ୨ | ବିଭୁପ୍ରଶନ୍ନ ସାହୁ | ୬୩ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | ଜଗତସିଂହପୁର |
| ୩ | ରୂପାଲତା ରାଉତ | ୭୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୪ | ଅଶୋକ କୁମାର ଦିକ୍ଷୀତ | ୫୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ପୁରୀ |
| ୫ | ସୁନିତା ନାୟକ | ୩୩ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୬ | କନକଲତା ସାହୁ | ୫୩ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | B- | କଟକ |
| ୭ | ଲକ୍ଷ୍ମୀଧର ସାହୁ | ୬୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ପୁରୀ |
| ୮ | ବିରେନ୍ଦ୍ର ପ୍ରଧାନ | ୫୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବରଗଡ଼ |
| ୯ | ଗୋବିନ୍ଦ ସ୍ୱାଇଁ | ୮୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଜଗତସିଂହପୁର |
| ୧୦ | ବିନୋଦିନୀ ଆଚାର୍ଯ୍ୟ | ୭୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୧ | ପ୍ରିୟବ୍ରତ ଶର୍ମା | ୨୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ପୁରୀ |
| ୧୨ | ଆସମା ବାନୋ | ୩୦ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | B- | ଭବାନୀପାଟଣା |
| ୧୩ | ମନୀଷ ପ୍ରଧାନ | ୬୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୪ | ବିମଳ ଅଚିରଣୀ | ୬୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୧୫ | ଚିନୁ ବାରିକ | ୨୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଜଗତସିଂହପୁର |
| ୧୬ | ନିହାରିକା ପାଲ | ୬୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଯାଜପୁର |
| ୧୭ | ବୀରକିଶୋର ନାୟକ | ୬୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭଦ୍ରକ |
| ୧୮ | ମନୀଷା ପ୍ରଧାନ | ୪୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ସମ୍ବଲପୁର |
| ୧୯ | ଝାଡ଼େଶ୍ୱର ଜେନା | ୫୯ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | ବାରିପଦା |
| ୨୦ | କନକଲତା ନାୟକ | ୬୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଜଗତସିଂହପୁର |



# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ


ପୂର୍ବରୁ ପରେ

୧ ଯାଜପୁର ଜିଲ୍ଲା ସୁନ୍ଦରପୁର ଅଞ୍ଚଳର ଜଣେ ୩୦ ବର୍ଷିୟା ମହିଳା ଚନ୍ଦ୍ରାବତୀ ଜେନା ୨୦୧୬ ମସିହାରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ କୌଣସି ପ୍ରକାରେ ତାଙ୍କ ବାମ ପାର୍ଶ୍ୱ ଆଣ୍ଠୁରେ ଆଘାତ ଲାଗିଥିଲା । ପରିବାରବର୍ଗ ତାଙ୍କୁ ଡାକ୍ତରଙ୍କୁ ଦେଖାଇବା ପରେ ଅସ୍ତ୍ରୋପଚାର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ଅସ୍ତ୍ରୋପଚାର ପରେ ମଧ୍ୟ ଗୋଡ଼ର ଯନ୍ତ୍ରଣା କମ୍ ହେଲା ନାହିଁ । ଏହା ପରେ ସେ କଟକ ବଡ଼ ମେଡ଼ିକାଲରେ ଦେଖାଇବା ପରେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଗୋଡ଼ର ଆଣ୍ଠୁ ତଳକୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ତାଙ୍କ ଗୋଡ଼ କଟା ହୋଇଥିଲା । ସେ ଆଜି ପର୍ଯ୍ୟନ୍ତ କେବେବି କୃତ୍ରିମ ଗୋଡ଼ର ବ୍ୟବହାର କରିନଥିଲେ। ସେ ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ସୂଚନା ପାଇବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ତାଙ୍କ କରୁଣ କାହାଣୀ ସମ୍ପର୍କରେ ଖବର ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥିଲା ।

୨ ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ଜଣେ ଭିନ୍ନକ୍ଷମ ଚାଷୀ ଦେବକାନ୍ତ ବହଳିଆ (୪୫ ବର୍ଷ) ଗତ ୨୦୦୨ ମସିହାରେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ତାଙ୍କ ଡାହାଣ ଗୋଡ଼ ହରାଇ ଥିଲେ । ପୂର୍ବରୁ ସେ କୃତ୍ରିମ ଗୋଡ଼ର ବ୍ୟବହାର କରିଥିଲେ ସୁଦ୍ଧା ତାହା ତାଙ୍କୁ ଆରାମଦାୟକ ଲାଗିନଥିଲା । ସେ ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ସୂଚନା ପାଇବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ତାଙ୍କ ବିଷୟରେ ଖବର ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥିଲା ।


ପୂର୍ବରୁ ପରେ

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ସେମାନଙ୍କ ମଧ୍ୟରୁ, ଯାଜପୁରର ଜଣେ ରୋଗୀଙ୍କୁ ମୁମ୍ବାଇ ସ୍ଥିତ ଆପୋଲୋ ହସ୍ପିଟାଲରେ ଡାକ୍ତରଙ୍କ ପରାମର୍ଶ ନେବା ଏବଂ ପରେ ତାଙ୍କର ଅସ୍ତ୍ରୋପଚାର ସମୟରେ ଉପଯୁକ୍ତ ସହାୟତା ଯୋଗାଇ ଦିଆଯାଇଥିଲା । ସେହିଭଳି ଗର୍ଭାଶୟ କର୍କଟ ରୋଗରେ ପୀଡ଼ିତ ଲୋପାମୁଦ୍ରା ମହାନ୍ତିଙ୍କୁ ଓ ମୁଣ୍ଡ ଏବଂ ଗଳା କର୍କଟ ରୋଗରେ ପୀଡ଼ିତ ପର୍ଶୁରାମ ଜେନାଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ନୂତନ ପଞ୍ଜୀକରଣ, ଡାକ୍ତରଙ୍କ ପରାମର୍ଶ ନେବା ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣରେ ସାହାଯ୍ୟ କରାଯାଇଥିଲା ।

ଗତ ନଭେମ୍ବର ମାସରେ ଓଡ଼ିଶା-ମୋ ପରିବାର **୩୧** ଜଣ କର୍କଟ ରୋଗୀଙ୍କୁ ସହାୟତା କରିଥିଲା ତନ୍ମଧ୍ୟରୁ **୨୦** ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲକୁ ରେଫର୍ କରାଯାଇଥିଲା ।

ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।




ଅର୍ପିତା ବେହେରା (୨୪)




ତବସୁମ ବେଗମ (୩୧)

କର୍କଟ ରୋଗରେ ପୀଡ଼ିତ ଶ୍ରୀମତୀ ଅର୍ପିତା ବେହେରା ଏବଂ ସ୍ତନ୍ୟ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ତବସୁମ ବେଗମଙ୍କୁ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ତରଫରୁ କୃତ୍ରିମ କେଶ ପ୍ରଦାନ କରାଯାଇଥିଲା ।

## ନଭେମ୍ବର ମାସର ଶ୍ରେଷ୍ଠ କର୍ମଚାରୀ


### ସଞ୍ଜୟ କୁମାର ସାମନ୍ତରାୟ



ପ୍ରଶଂସା ଏବଂ ସ୍ୱୀକୃତି ପ୍ରଦାନ ହେଉଛି କାର୍ଯ୍ୟ ଏବଂ କାର୍ଯ୍ୟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହାକୁ ଧ୍ୟାନରେ ରଖି ଓଡିଶା-ମୋ ପରିବାର ପ୍ରତ୍ୟେକ ମାସରେ ଏହାର କର୍ମଚାରୀମାନଙ୍କ ଦ୍ୱାରା ସଂପାଦନ କରାଯାଇଥିବା କାର୍ଯ୍ୟର ପ୍ରୟାସକୁ ପ୍ରଶଂସା କରିଥାଏ | ଏହି କ୍ରମରେ ଗତ ମାସର ଶ୍ରେଷ୍ଠ କର୍ମଚାରୀ ଭାବେ ଓଡିଶା-ମୋ ପରିବାର ସହାୟକ କର୍ମଚାରୀ ଶ୍ରୀ ସଞ୍ଜୟ ସାମନ୍ତରାୟଙ୍କୁ ବିବେଚିତ କରାଯାଇଛି । ସେ ନିଜ କାର୍ଯ୍ୟରେ ସର୍ବଦା ଦାୟିତ୍ୱବାନ୍ ଏବଂ ବିଶ୍ୱସ୍ତ ରହିଆସିଛନ୍ତି । ସେ ନିଜ କାର୍ଯ୍ୟକ୍ଷେତ୍ରରେ ଆଉ ଦୁଇ ପାଦ ଆଗକୁ ଯାଇ ସ୍ୱଇଚ୍ଛାରେ ଜରୁରୀକାଳୀନ ପରିସ୍ଥିତିରେ ଜଣେ ରୋଗୀଙ୍କୁ ରକ୍ତ ଦାନ କରିଥିଲେ ।

## ନଭେମ୍ବର ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

### ଆଲୋକ ରଞ୍ଜନ ସାହୁ



ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡ଼ିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍ ରେ ଥିବା ହେଲ୍ପଡେସ୍କ ସହଯୋଗୀ ଆଲୋକ ରଞ୍ଜନ ସାହୁଙ୍କୁ ଗତମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।



# ଜୀବନବିନ୍ଦୁ କାର୍ଯ୍ୟକ୍ରମ

"କରିବା ରକ୍ତଦାନ ବଞ୍ଚାଇବା ଜୀବନ"


ସମ୍ବଲପୁର



କଟକ


ଯାଜପୁର


ଗଞ୍ଜାମ


ବରଗଡ଼


ନୟାଗଡ଼



ବାଲେଶ୍ୱର



ଭୁବନେଶ୍ୱର


ମୟୂରଭଞ୍ଜ



କଳାହାଣ୍ଡି


କେନ୍ଦ୍ରାପଡ଼ା


ଅନୁଗୋଳ



ବଲାଙ୍ଗିର


ଭଦ୍ରକ

# ସାମାଜିକ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର

**Biju Janata Dal**
@bjd_odisha · Follow

ରକ୍ତାଭାବ ଦୂର ଲକ୍ଷ୍ୟ ନେଇ ଆଠଗଡ଼ର କୁମାରପୁରରେ ଆୟୋଜିତ @MoParivarOdisha @jibanbindu ଶିବିରରୁ **୩୫୫** ୟୁନିଟ ରକ୍ତ ସଂଗ୍ରହ ହେବା ବେଶ ଉତ୍ସାହପ୍ରଦ। ଲୋକଙ୍କ ଅମୂଲ୍ୟ ଜୀବନ ରକ୍ଷା ଭଳି ମହତ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ରକ୍ତଦାନ ଅଭିଯାନ ସମସ୍ତଙ୍କ ସହଯୋଗରେ ଆନ୍ଦୋଳନର ରୂପ ନେଉଛି। #Odisha




**Biju Janata Dal**
@bjd_odisha · Follow

ରକ୍ତାଭାବ ଦୂର କରି ଲୋକଙ୍କ ଜୀବନ ରକ୍ଷା ଲକ୍ଷ୍ୟରେ ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ଡିଗିରିଆରେ ଆୟୋଜିତ @MoParivarOdisha @jibanbindu ରକ୍ତଦାନ ଶିବିରରେ **୧୫୦** ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଲୋକଙ୍କ କଲ୍ୟାଣ ପାଇଁ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଯୋଗଦାନ ଉତ୍ସାହପ୍ରଦ। #Odisha ସୌ-ଧରିତ୍ରୀ




**anata Dal**
@bjd_odisha · Follow

ରକ୍ତଦାନର ମହାନତାକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ @MoParivarOdisha ଓ @jibanbindu ପକ୍ଷରୁ ଖୁଣ୍ଟୁଣୀର ଘଣ୍ଟିଖାଲ ପଞ୍ଚାୟତରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ୨୦୩ ୟୁନିଟ୍ ରକ୍ତ ସଂଗ୍ରହ ହେବା ବେଶ ଉତ୍ସାହଜନକ। ସେବାକୁ ସଂକଳ୍ପ ଭାବେ ଆପଣାଇ ଏହି କାର୍ଯ୍ୟକ୍ରମ ସମସ୍ତଙ୍କୁ ପ୍ରେରଣା ଦେବ। ସୌ: ଧରିତ୍ରୀ
#OdishaCares Show more




**anata Dal**
@bjd_odisha · Follow

ଭୁବନେଶ୍ୱର ଶାନ୍ତିପାଲ୍ଲୀ ବିଜୁ ଆଦର୍ଶ କଲୋନୀରେ ରହୁଥିବା ବିଦ୍ୟୁତ କର୍ମଚାରୀ ପ୍ରତାପ କୁମାର ବେହେରାଙ୍କ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ @MoParivarOdisha ସହାୟତାରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଦୁଃସମୟରେ ଅସହାୟଙ୍କ କଲ୍ୟାଣ ପାଇଁ ଓଡ଼ିଶା-ମୋ ପରିବାରର ସହାୟତା ସାମାଜିକ ସେବାର ଅନନ୍ୟ ବାର୍ତ୍ତା ଦେଉଛି।... Show more



# ଆପଣଙ୍କ ମୁହଁରୁ

ମୋ ବାପା କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ଚିକିତ୍ସା ଚାଲୁଥିବା ସମୟରେ A + ve ରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ବୈକୁଣ୍ଠଙ୍କୁ ଧନ୍ୟବାଦ ଜଣାଉଛି ଯିଏ ମୋ ବାପାଙ୍କ ପାଇଁ ଏକ ୟୁନିଟ୍ ରକ୍ତ ବ୍ୟବସ୍ଥା କରିଥିଲେ ।




**ନାଗେଶ୍ୱର ମାଝି**
କୋରାପୁଟ, 9348206131

ମୁଁ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଯାଇଥିଲି । ସେଠାରେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିଥିବାରୁ ମୁଁ ଓଡ଼ିଶା- ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଶୁଭମଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।




**ସାବିତ୍ରୀ ଦଣ୍ଡପାଟ**
ମୟୂରଭଞ୍ଜ, 8658332633

ମୁଁ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥଙ୍କୁ ଧନ୍ୟବାଦ ଜଣାଉଛି ଯିଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ ।



**ଦିଲ୍ଲୀପ ପ୍ରଧାନ**
ଗଞ୍ଜାମ, 9987579435

ମୋ ଭାଇଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ସେଠାରେ ବିରଳ ରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ଗିରିଜା (ହେଲ୍ପଡେସ୍କ ସହଯୋଗୀ) କୁ ଧନ୍ୟବାଦ ଜଣାଉଛି, ଯିଏ ମୋତେ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ଏବଂ ଡାକ୍ତରଖାନାରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।




**ମହେନ୍ଦ୍ର ମାଝି**
ବ୍ରହ୍ମପୁର, 9861397530

ମୁଁ ମୋର ସମ୍ପର୍କୀୟଙ୍କୁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲି । ମୁଁ ରୋଜାଲିନ୍ (ହେଲ୍ପଡେସ୍କ ସହଯୋଗୀ) କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏ ଡାକ୍ତରଖାନାରେ ମୋତେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।



**ସୌମ୍ୟ ନାୟକ**
ଭବାନୀପାଟଣା, 9861644213

ମୋର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମୁଁ କ୍ୟାପିଟାଲ୍ ହସ୍ପିଟାଲରେ ଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଜ୍ୟୋତିଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ମୋତେ ଡାକ୍ତରଙ୍କ ପରାମର୍ଶ ନେବାରେ ଏବଂ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



**ପ୍ରମୋଦ ବେହେରା**
ଖୋର୍ଦ୍ଧା, 9777177640

ମୁଁ ଚକ୍ଷୁ ସଂକ୍ରମଣରେ ପୀଡ଼ିତ ହୋଇ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲି । ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଏବଂ କାଉଣ୍ଟରରୁ ଔଷଧ ପାଇବାରେ ଆମକୁ ସାହାଯ୍ୟ କରିଥିବାରୁ ମୁଁ ବିଶ୍ୱ( ହେଲ୍ପଡେସ୍କ ସହଯୋଗୀ)କୁ ଧନ୍ୟବାଦ ଜଣାଉଛି ।



**ଗୋପୀନାଥ ଗୋଛାୟତ**
ପୁରୀ, 6370046898

ମୋ ଭାଇ ଭାଇଜାଗସ୍ଥିତ ବିଜେଥା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଯିଏ ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲୁଥିବା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୁଁ ପ୍ରକାଶଙ୍କୁ ( ହେଲ୍ପଡେସ୍କ ସହଯୋଗୀ) ଧନ୍ୟବାଦ ଜଣାଉଛି, ଯିଏ ମୃତଦେହକୁ ଡାକ୍ତରଖାନାରୁ ଓଡ଼ିଶାର ଗଞ୍ଜାମକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଥିଲେ।



**ପଦ୍ମ ନାୟକ**
ଗଞ୍ଜାମ, 7788975744

କର୍କଟ ରୋଗରେ ପୀଡ଼ିତ ମୋ ମା'ଙ୍କ ଚିକିତ୍ସା ପାଇଁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ଚିକିତ୍ସା ଚାଲୁଥିବା ସମୟରେ ରକ୍ତର ଜରୁରୀ ଆବଶ୍ୟକତା ଥିଲା । ତାଙ୍କ ପାଇଁ ତୁରନ୍ତ ଏକ ରକ୍ତଦାତା ଯୋଗାଡ଼ କରିଥିବାରୁ ମୁଁ ହିମାଂଶୁ ନାୟକ (ହେଲ୍ପଡେସ୍କ ସହଯୋଗୀ)ଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।



**ରାମ ଚରଣ ନାୟକ**
କଳାହାଣ୍ଡି, 7894200873

ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି, ମୋର ଗୋଡରେ ଗଭୀର ଆଘାତ ଲାଗିଥିଲା, ଯାହା ଦ୍ୱାରା ମୋ ଗୋଡ଼ କଟା ହୋଇଥିଲା ଏବଂ ମୋର ଏକ କୃତ୍ରିମ ଗୋଡ଼ର ଆବଶ୍ୟକତା ଥିଲା । କ୍ୟାପିଟାଲ୍ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି ମାଧ୍ୟମରେ କୃତ୍ରିମ ଅଙ୍ଗ ପାଇବାରେ ମୋତେ ସାହାଯ୍ୟ କରିଥିବାରୁ ମୁଁ ଓଡିଶା - ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି ।



**ଅପର୍ତ୍ତି ସାହୁ**
ଖୋର୍ଦ୍ଧା, 9583781354

# ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ
# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

ବର୍ଷା ରାଉତରାୟ 8260112415
ଶ୍ରଦ୍ଧା ସୁଚିସ୍ମିତା 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

ବର୍ଷା ରାଉତରାୟ 8260112415

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟାଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

ବର୍ଷା ରାଉତରାୟ 8260112415
ମନସ୍ୱିନୀ ଦାଶ 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମସ୍, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ରୋଜାଲିନ ପଣ୍ଡା - ୭୭୪୯୦୩୦୪୭୦
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଏଫ୍.ଏମ୍.ଏମ୍.ସି.ଏଚ୍.,ବାଲେଶ୍ୱର**
ମୃତ୍ୟୁଞ୍ଜୟ ମହାରଣା-୭୯୭୮୫୬୨୩୬୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଶୁଭମ୍ ଭଞ୍ଜ - ୮୯୧୭୩୬୧୫୪୫

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତ୍ରିକା 9937699051
ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 7504986342
ରଜତ ଅଗ୍ରୱାଲ 9437067999

## ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700